# NATIONAL NEWS BULLETIN (ODIA)

**23 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାର ସ୍ଥିତି ନେଇ ନୂଆଦିଲ୍ଲୀଠାରେ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ

- ସ୍ୱରାଷ୍ଟ୍ରମନ୍ତ୍ରୀ ଆତଙ୍କବାଦୀ ଆକ୍ରମଣ ଘଟଣାସ୍ଥଳୀକୁ ଯାଇ ସ୍ଥିତି ସମୀକ୍ଷା କରିବା ସହ ଡାକ୍ତରଖାନାରେ ଭେଟିଲେ ଆହତଙ୍କୁ

- ଦଳମତ ନିର୍ବିଶେଷରେ ସବୁ ମହଲରୁ ପହଲଗାମ ଆକ୍ରମଣ ଘଟଣାକୁ ନିନ୍ଦା

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ହେବ ମୁକାବିଲା

---

## ପିଏମ୍-ରିଟର୍ଣ୍ଣ

ଜାମ୍ମୁକାଶ୍ମୀରର ପେହେଲ୍‌ଗାମ ଆତଙ୍କବାଦୀ ଆକ୍ରମଣ ଘଟଣାର ସ୍ଥିତି ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ନୂଆଦିଲ୍ଲୀ ବିମାନ ବନ୍ଦରଠାରେ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି । ସାଉଦୀ ଆରବ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ବାତିଲ କରି ଆଜି ସକାଳେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର, ଜାତୀୟ

ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍, ବୈଦେଶିକ ବ୍ୟାପାର ସଚିବ ବିକ୍ରମ ମିଶ୍ରି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏହି ବୈଠକରେ ଯୋଗ ଦେଇଥିଲେ ।

---

# ଜେକେ-ଅପ୍‌ଡେଟ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ପେହେଲ୍‌ଗାମ୍ ଆକ୍ରମଣ ଘଟଣାସ୍ଥଳୀରେ ସ୍ଥିତିର ସମୀକ୍ଷା କରିଛନ୍ତି । ଶ୍ରୀ ଶାହା ଡାକ୍ତରଖାନାକୁ ଯାଇ ଚିକିତ୍ସାଧୀନ ଆହତଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ଶ୍ରୀନଗରଠାରେ ଶ୍ରୀ ଶାହା ଆଜି ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସ୍ୱତନ୍ତ୍ର ବିମାନ ଯୋଗେ ଶ୍ରୀନଗରରୁ ପାର୍ଥିବ ଶରୀରଗୁଡ଼ିକୁ ସେମାନଙ୍କ ଜନ୍ମସ୍ଥାନକୁ ପଠାଇବାର ବ୍ୟବସ୍ଥା ହୋଇଛି । ପେହେଲଗାମ୍, ଦକ୍ଷିଣ କାଶ୍ମୀରର ଅନନ୍ତନାଗ, କୁଲ୍‌ଗାମ୍ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଏହି ଘଟଣା ପ୍ରତିବାଦରେ ଉପତ୍ୟକାରେ ଆଜି ବିଭିନ୍ନ ସଂଗଠନ ପକ୍ଷରୁ ଦିନିକିଆ ବନ୍ଦ ପାଳନ କରାଯାଇଚି । ଦୋକାନ ବଜାର, ଶିଳ୍ପସଂସ୍ଥା ଏବଂ ଉତ୍ପାଦନ ୟୁନିଟ୍ ଗୁଡ଼ିକ ବନ୍ଦ ରହିଛି । ଘରୋଇ ପରିବହନ ସେବା ମଧ୍ୟ ବନ୍ଦ ରହିଥିବା ଜଣାପଡ଼ିଛି । ସମସ୍ତ  ଶିକ୍ଷାନୁଷ୍ଠାନରେ ପାଠପଢ଼ା ବନ୍ଦ ରହିଛି । ଏହି ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ଦୃଢ଼ ନିନ୍ଦା କରାଯାଇଛି । ପିଡିପି ଅଧ୍ୟକ୍ଷା ମେହେବୁବା ମୁଫ୍‌ତି ଶ୍ରୀନଗରରେ ପ୍ରତିବାଦର ନେତୃତ୍ୱ ନେବା ସହ ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି ।

ବିଭିନ୍ନ ରାଜନୈତିକ ଦଳର ନେତା ମଧ୍ୟ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ବିଜେପି ରାଷ୍ଟ୍ରୀୟ ସଭାପତି ତଥା କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା କହିଛନ୍ତି, ନିରୀହ ପର୍ଯ୍ୟଟକଙ୍କ ଉପରେ ଏଭଳି ଅମାନୁଷିକ ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି ଏବଂ ଏଥିରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଏହି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁ,ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ତଥା ଏଲ୍‌ଜେପି-ଆର୍ ମୁଖ୍ୟ ଚିରାଗ ପାଶ୍ୱାନ ପ୍ରମୁଖ ଏହି ଘଟଣାକୁ ନିନ୍ଦା କରିବା ସହ ମୃତକଙ୍କ ନିକଟ ସଂପର୍କୀୟଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ସେମାନେ ଆହତଙ୍କର  ଆଶୁ ଆରୋଗ୍ୟ କାମନା କରିଛନ୍ତି । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ କହିଛନ୍ତି, ସୀମାପାର ଆତଙ୍କବାଦ ବିରୁଦ୍ଧରେ ଲଢ଼େଇ ପାଇଁ ସମଗ୍ର ଦେଶ ଏକଜୁଟ୍ ରହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଏହି ଘଟଣା ମନବିକତା ପାଇଁ ଏକ କଳଙ୍କ । ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଏହି ଘଟଣାକୁ ହୃଦୟ ବିଦାରକ କହିବା ସହ ଦୃଢ଼ ନିନ୍ଦା କରିଛନ୍ତି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ତାମିଲନାଡୁ

ମୁଖ୍ୟମନ୍ତ୍ରୀ ଏମ୍.କେ ଷ୍ଟାଲିନ୍ ପ୍ରମୁଖ ଆତଙ୍କବାଦୀଙ୍କର ଏଭଳି ବର୍ବର କାଣ୍ଡକୁ ଦୃଢ଼ ନିନ୍ଦା କରିବା ସହ ଘଟଣାରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକମାନଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ।

ଜାମ୍ମୁକାଶ୍ମୀର ଏକାଧିକ ଆଇନଜୀବୀ ସଂଘ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି । ହାଇକୋର୍ଟ ବାର୍ ଆସୋସିଏସନ୍ ଏକ ବିବୃତିରେ ଏହା ଏକ ଅତ୍ୟନ୍ତ ଅମାନବୀୟ ଘଟଣା ବୋଲି କହିଛି । କାଶ୍ମୀର ଜୁରିସ୍‌ଡ୍ ବାର୍ ଆସୋସିଏସନ ଏହି ଘଟଣାକୁ ନିନ୍ଦା କରିବା ସହ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀଙ୍କ ଏହା ଅମାନୁଷିକ ଆକ୍ରମଣ ବୋଲି କହିଛି ।

ଅନ୍ୟପକ୍ଷରେ ନିର୍ଭରଯୋଗ୍ୟ ସରକାରୀ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଏହି ଆକ୍ରମଣ ଘଟଣାରେ ୨ ଜଣ ସ୍ଥାନୀୟ ଲୋକଙ୍କୁ ମିଶାଇ ୨୬ ଜଣ ପର୍ଯ୍ୟଟକଙ୍କର ମୃତ୍ୟୁ ହୋଇଛି । ଘଟଣାରେ ସଂଶ୍ଳିଷ୍ଟ ଥିବା ୩ ଜଣ ଆତଙ୍କବାଦୀଙ୍କର ଅଙ୍କିତ ଫଟୋ ଗୁଇନ୍ଦା ସଂସ୍ଥା ଓ ପୋଲିସ୍ ପକ୍ଷରୁ ଜାରି କରାଯାଇଛି ।

---

## ସ୍ପେଶାଲ୍ ଏୟାର

ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାରେ ପର୍ଯ୍ୟଟକଙ୍କ ଯାତାୟତକୁ ଦୃଷ୍ଟିରେ ରଖି ଶ୍ରୀନଗରରୁ ଦିଲ୍ଲୀ ଏବଂ ମୁମ୍ବାଇକୁ ୪ଟି ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା ହୋଇଛି । ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ବିମାନ ଚଳାଚଳ ପାଇଁ ପଦକ୍ଷେପ ନିଆଯିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସୂଚନା ଦେଇଛି । ବିଭାଗୀୟ ମନ୍ତ୍ରୀ ରାମ ମୋହନ ନାଇଡୁ ଏ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି । ସବୁ ଏୟାରଲାଇନ୍ସର ଅପରେଟରଙ୍କ ସହ ଶ୍ରୀ ନାଇଡୁ ଆଜି

ଏକ ଜରୁରୀ ବୈଠକ କରିଥିଲେ । ଏଭଳି ପରିସ୍ଥିତିରେ କୌଣସି ଯାତ୍ରୀଙ୍କ ଉପରେ ଯେଭଳି ଆର୍ଥିକ ବୋଝ ନ ପଡ଼େ, ତାହାକୁ ଦୃଷ୍ଟିରେ ରଖି ନିୟମିତ ଭଡ଼ା ଦର ବଜାୟ ରଖିବାକୁ ଏୟାର ଲାଇନ୍ସ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ପାର୍ଥିବ ଶରୀର ଗୁଡ଼ିକୁ ନିଜ ନିଜ ରାଜ୍ୟରେ ପହଞ୍ଚାଇବା ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସେ ଏୟାରଲାଇନ୍ସ ଗୁଡ଼ିକୁ କହିଛନ୍ତି ।

ଅନ୍ୟପକ୍ଷରେ ଶ୍ରୀନଗରରୁ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଥିବା ପର୍ଯ୍ୟଟକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ-ଡିଜିସିଏ ଉଡ଼ାଣ ବୃଦ୍ଧି ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଏୟାର ଲାଇନ୍ସ ଗୁଡ଼ିକୁ ପରାମର୍ଶ ଦେଇଛି । ଟିକେଟ୍ ବାତିଲ ଏବଂ ପୁନଃ ନିର୍ଦ୍ଧାରଣ ଶୁଳ୍କ ଛାଡ଼ କରିବା ସହ ପ୍ରଭାବିତ ଯାତ୍ରୀଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବାକୁ ଏୟାର ଲାଇନ୍ସ ଗୁଡ଼ିକୁ କୁହାଯାଇଛି ।

## ସୀତାରମଣ ରିଟର୍ଣ୍ଣ

ଆମେରିକା ଗସ୍ତରେ ଯାଇଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଧ୍ୟ ତାଙ୍କର ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ବାତିଲ କରି ନୂଆଦିଲ୍ଲୀ ଫେରିଆସିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସଂପର୍କରେ ସୂଚନା ଦେଇ ଅର୍ଥମନ୍ତ୍ରଣାଳୟ କହିଛି, ଏହି ଦୁଃଖଦ ସମୟରେ ପ୍ରଭାବିତ ଲୋକଙ୍କ ପାଖରେ ଉପସ୍ଥିତ ରହିବା ପାଇଁ ଅର୍ଥମନ୍ତ୍ରୀ ଇଚ୍ଛା ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ ଗତ ୨୦ ତାରିଖରୁ ଆମେରିକା ଏବଂ ପରେ ପେରୁ ଗସ୍ତରେ ଯାଇ ୩୦ ତାରିଖରେ ପ୍ରତ୍ୟାବର୍ତ୍ତନର କରିବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଥିଲା ।

## ରାଜନାଥ- ରିଭ୍ୟୁ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥସିଂ ଆଜି କାଶ୍ମୀର ଉପତ୍ୟକା ଅଞ୍ଚଳରେ ସୁରକ୍ଷା ସ୍ଥିତିର ସମୀକ୍ଷା କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସ୍ଥଳସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ, ନୌସେନା ମୁଖ୍ୟ ଆଡମିରାଲ୍ ଦୀନେଶ ତ୍ରିପାଠୀ, ବାୟୁସେନା ମୁଖ୍ୟ ଏୟାରଚିଫ୍ ମାର୍ଶାଲ୍ ଏ.ପି. ସିଂ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆତଙ୍କବାଦୀ ଆକ୍ରମଣ ପରବର୍ତ୍ତୀ ପଦକ୍ଷେପ ନେଇ ଆଲୋଚନା କରିଛନ୍ତି । ସେନାର ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଛନ୍ତି । ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଅଧିକ ସୁରକ୍ଷାକର୍ମୀଙ୍କୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି ।

## ଏମ୍ଏସ୍ଡିଇ-ମାଇକ୍ରୋସଫ୍ଟ

ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ଛାତ୍ରୀଙ୍କୁ କୃତ୍ରିମ ବୁଦ୍ଧିମତ୍ତାରେ କ୍ୟାରିୟର୍ ଗଠନ କରିବା ଲକ୍ଷ୍ୟ ନେଇ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଏ ନେଇ ମନ୍ତ୍ରଣାଳୟ ଏବଂ ମାଇକ୍ରୋସଫ୍ଟ କମ୍ପାନୀ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏ.ଆଇ. ଦକ୍ଷତା ଏବଂ ଉଭାବନ ଢାଞ୍ଚା ଆଧାରରେ ମାଇକ୍ରୋସଫ୍ଟ ଛାତ୍ରୀମାନଙ୍କୁ ୨୪୦ ଘଣ୍ଟିଆ ପ୍ରଶିକ୍ଷଣ ପାଠ୍ୟକ୍ରମ ପ୍ରଦାନ କରିବ । ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ୬ଟି ରାଜ୍ୟର ୩୦ଟି ଉତ୍କର୍ଷ କେନ୍ଦ୍ର ଏବଂ ୧୫୦ଟି ଶିକ୍ଷାନୁଷ୍ଠାନରେ ଏହି ପ୍ରଶିକ୍ଷଣ ପ୍ରଦାନର ବ୍ୟବସ୍ଥା କରାଯିବ । ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ସିଂହ କହିଛନ୍ତି, ଏକ ସମାବେଶୀ ଓ ଭବିଷ୍ୟତ ପାଇଁ ମାନବ ସମ୍ବଳ ସୃଷ୍ଟି କରିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଏହି

ପଦକ୍ଷେପ ଗ୍ରହଣ କରାଯାଇଛି । ମାଇକ୍ରୋସଫ୍ଟ ସହଭାଗିତାରେ ମହିଳାଙ୍କ ପାଇଁ ଏ.ଆଇ. କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ଇଣ୍ଡିଆ-ଷ୍ଟିଲ୍ ୨୦୨୫

ଦେଶର ଇସ୍ପାତ୍ କ୍ଷେତ୍ରରେ ଗତ ୧୦ ବର୍ଷ ମଧ୍ୟରେ ଦ୍ରୁତ ଅଭିବୃଦ୍ଧି ଘଟିଛି ବୋଲି ଇସ୍ପାତ୍ ଓ ଭାରିଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଭୂପତି ରାଜୁ ଶ୍ରୀନିବାସ ବର୍ମା କହିଛନ୍ତି । ଗତକାଲି ଇଣ୍ଡିଆ ଷ୍ଟିଲ୍ ୨୦୨୫ ସମ୍ପର୍କରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ବର୍ମା କହିଛନ୍ତି, ଭାରତ ବିଶ୍ୱର ଦ୍ୱିତୀୟ ବୃହତମ ଅଶୋଧିତ ଇସ୍ପାତ୍ ଉତ୍ପାଦନକାରୀ ଦେଶ ହୋଇଛି । ମୁମ୍ବାଇରେ ଆସନ୍ତାକାଲି ଠାରୁ ଇଣ୍ଡିଆ ଷ୍ଟିଲ୍ ୨୦୨୫ ଆନ୍ତର୍ଜାତିକ ସମ୍ମିଳନୀ ଏବଂ ପ୍ରଦର୍ଶନୀର ଷଷ୍ଠ ସଂସ୍କରଣ ଆରମ୍ଭ ହେବ । ଇସ୍ପାତ୍ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇସ୍ପାତ୍ ଏବଂ ଆନୁସଙ୍ଗୀକ ଶିଳ୍ପ କ୍ଷେତ୍ରର ସମସ୍ତ ଅଂଶିଦାରଙ୍କୁ ଏକାଠି କରିବାର ଲକ୍ଷ୍ୟ ରଖାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ଭର୍ଚୁଆଲ୍ ମାଧ୍ୟମରେ ଏହି ସମ୍ମିଳନୀକୁ ସମ୍ବୋଧନ କରିବେ ବୋଲି ସେ ସୂଚନା ଦେଇଛନ୍ତି । ବିଭିନ୍ନ ରାଷ୍ଟ୍ରର ପ୍ରତିନିଧି ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ବୋଲି ସେ କହିଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ହାଇଦ୍ରାବାଦ୍‌ର ରାଜୀବ

ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ ହୋଇଛି । ଲକ୍ଷ୍ନୌର ଏକନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୮ ଓ୍ୱିକେଟ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ ପରାସ୍ତ କରିଛି ।